# Akashvani, Sambalpur

## SAMBALPURI NEWS EVENING BULLETIN

## 20 July 2024- 7.02 pm- 7.12 pm.

*********************************************

୧- ବିକଶିତ୍ ଓଡ଼ିଶା ଗଠନ୍ ଲାଗି ପୁରୀ ଠାନେ ଚାଲିଥିବା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ୍‌ଥି ଆଲୋଚନା ।

୨- ପଦ୍ମଶ୍ରୀ କମଳା ପୂଜାରୀଙ୍କର୍ ପରଲୋକ ।

- ଦୁଃଖପ୍ରକାଶ୍ କଲେ ରାଜ୍ୟପାଲ୍ ଆର୍ ମୁଖ୍ୟମନ୍ତ୍ରୀ ।

୩- ଇପିଏଫ୍‌ଓ ଥି ଗଲା ମେ ମାସେ ରେକର୍ଡ୍ ୧୯ ଲାଖ୍ ୫୦ ହଜାର୍ ସଭ୍ୟ ହେଲେ ସାମିଲ୍ ।

୪- ବାହାର୍‌ଲା ଯୁକ୍ତଦୁଇ ପହେଲା ଖେପର୍ ମେଧା ତାଲିକା ।

- ନାଁଲେଖାର୍ ଲାଗି ୪ ଲାଖ୍ ୨୬ ହଜାର୍ ୪ ଶହ ୭୨ ଝନ୍ ଛାତ୍ରଛାତ୍ରୀ ମନୋନୀତ ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ଜାରି ।

ବିଜେପି କାର୍ଯ୍ୟକାରିଣୀ ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଠାନେ ଚାଲିଥିବା ରାଜ୍ୟ ବିଜେପିର୍ କାର୍ଯ୍ୟକାରିଣୀ ବୈଠକ୍‌ର ଆଏଜ୍ ୨ ନମ୍ବର୍ ଦିନେ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା ଆର୍ ସମୀକ୍ଷା କରାଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇଛନ୍ । ବୈଠକ୍ ଆଗ୍‌ରୁ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ଯେ, ବିକଶିତ ଆର୍ ଆତ୍ମନିର୍ଭର୍ ଓଡ଼ିଶା ଗଠନ୍ ଲାଗି ରାଜ୍ୟର୍ ବିଜେପି ସର୍‌କାର୍ ସବୁ ଦର୍‌କାରୀ ପଦକ୍ଷେପ୍ ଗ୍ରହଣ୍ କର୍‌ବେ । ବୈଠକ୍‌ଥି ଆଲୋଚନା ଲାଗି ରହିଥିବା ପ୍ରସ୍ତାବ୍ ମାନ୍‌କର୍ ଭିତ୍‌ରେ ବିକଶିତ୍ ଓଡ଼ିଶା ଗଠନ୍, ଭାଷାଭିତିକ ରାଜ୍ୟ ଗଠନ୍‌ର ଶହେ ବରସ୍ ପୁର୍‌ନି ବାବ୍‌ଦର୍ ବିଷେ ଠାନ୍ ପାଇଛେ ।
(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

କମଳା ପୂଜାରୀ ଆର୍‌ଏନ୍‌ୟୁ/ କଟକ୍

ପଦ୍ମଶ୍ରୀ କମଳା ପୂଜାରୀଙ୍କର୍ ଆଏଜ୍ ପରଲୋକ ହେଇଯାଇଛେ । ମୃତ୍ୟୁ ବେଲ୍‌କେ ତାଙ୍କୁ ୭୦ ବରସ୍ ବୟସ୍ ହେଇଥିଲା । ୨ ଦିନ୍ ଆଘୋନୁ ଦେହେ ନସ୍‌ବାର୍‌ନୁ ତାଙ୍କୁ କଟକ୍

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ୍ କଲେଜ୍ ହସ୍ପିଟାଲ୍ ନ ଭର୍ତି କରାଯାଇଥିଲା ।

ଜିଲ୍ଲା ପ୍ରଶାସନ୍ ତରଫ୍ରୁ ତାଙ୍କୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ୍ କରାଯାଇଥିଲା । କୋରାପୁଟ୍ ଜିଲ୍ଲା ନ ଥିବା ତାଙ୍କର୍ ଗାଁ ନ ତାଙ୍କର୍ ଶେଷକୃତ୍ୟ କରାଯିବା । ୨୦୧୯ ମସିହାଥି କମଲା ପୂଜାରୀଙ୍କୁ ଭିନ୍ ଭିନ୍ କିସ୍‌ମର୍ ଧାନ୍ ସଂରକ୍ଷଣ୍ ଲାଗି ପଦ୍ମଶ୍ରୀ ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଥିଲା । ତାଙ୍କର୍ ବିୟୋଗ୍‌ଥି ଭିନ୍ ଭିନ୍ ମହଲେ ଗହୀର୍ ଶୋକ ପ୍ରକାଶ୍ ପାଇଛେ ।

ରାଜ୍ୟପାଲ୍ ରଘୁବର୍ ଦାସ ପଦ୍ମଶ୍ରୀ କମଲା ପୂଜାରୀଙ୍କର୍ ପରଲୋକ୍‌ଥି ଶୋକପ୍ରକାଶ୍ କରିଛନ୍ । ସାମାଜିକ ଗଣମାଧମ୍ ଏକ୍ସ ଜରିଏ ରାଜ୍ୟପାଲ୍ ଶ୍ରୀ ଦାସ କହିଛନ୍ ଯେ, ଚାଷ୍‌କେ ତହଁକାବାର୍ ଆର୍ ଦେଶୀ ଧାନ୍ ବିହନ୍‌କେ ସଂରକ୍ଷିତ୍ କର୍‌ବାର୍ ଉଦ୍ୟମ୍ ଲାଗି ତାଙ୍କୁ ସବୁବେଲେ ସୋର୍ କରାଯିବା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ଶୋକବାର୍ତାଥି କହିଛନ୍ ଯେ, ସ୍ୱର୍ଗତ ପୂଜାରୀ ଝନେ ଅସାଧାରଣ ଗୁଣୀ, ସାଧିକା ଆର୍ ତ୍ୟାଗୀ ମହିଲା ଥିଲେ । ସେ ମୁନୁଷ୍ ସମାଜ୍ ଲାଗି ଗୁଟେ ସୁନ୍ଦର୍ ଭବିଷ୍ୟତ ସଂରକ୍ଷିତ କରୁଥିଲେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ପଦ୍ମଶ୍ରୀ କମଲା ପୂଜାରୀଙ୍କର୍ ବିୟୋଗ୍‌ଥି ଶୋକ ପ୍ରକାଶ୍ କରିକରି କହିଛନ୍ ଯେ, ଜନଜାତି

ସମୁଦାୟନୁ ଆସିକରି ଜୈବିକ୍ ଚାଷ୍ କ୍ଷେତ୍ର ନ ତାଙ୍କର୍ ଅସାଧାରଣ ଅବଦାନ୍ ସବୁବେଲେ ସୋର୍ ରହେବା ।

କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ ଯେ, ଲୋପ୍ ପାଇଯାଉଥିବାର୍ ଦେଶୀ ଧାନ୍ ବିହନ୍କେ ସାଇତିବାର୍ ଆର୍ ଜୈବିକ୍ ପଦ୍ଧତିର୍ ଧାନ୍ ଉତ୍ପାଦନ୍ କର୍ବାର୍ ଦିଗେ ସ୍ୱର୍ଗତ ପୂଜାରୀଙ୍କର୍ ଅବଦାନ୍ ରହିଛେ । ହେନ୍ତା ଆଘର୍ ମଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଶୋକବାର୍ତାଥି କହିଛନ୍ ଯେ, ସ୍ୱର୍ଗତ ପୂଜାରୀ ପ୍ରେରଣାର୍ ଉତ୍ସ ହେଇକରି ରହେବେ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍ଥି ପ୍ରଧାନ୍ମନ୍ତ୍ରୀ ଲୁକ୍କର୍ ଠାନୁ ଆଏବା ୨୬ ତାରିଖ୍ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍ବେ । ଇ କାର୍ଯ୍ୟକ୍ରମ୍

ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଅତିବିଶିଷ୍ଟ ସେବା ମେଡ଼େଲ୍ ଓଡ଼ିଆ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲେପ୍ଟେନେଂଟ୍ ଜେନେରାଲ୍ ଡାକ୍ତର୍ ଶରତ୍ ଚନ୍ଦ୍ର ଦାସ୍‌ଙ୍କୁ ସୈନ୍ୟବାହିନୀ ନ ଉଲ୍ଲେଖନୀୟ ସେବାର୍ ଲାଗି ଅତିବିଶିଷ୍ଟ ସେବା ମେଡ଼େଲ୍ ପ୍ରଦାନ୍ କରାଯାଇଛେ । ଓଡ଼ିଶାର୍ ବାସିନ୍ଦା ଡାକ୍ତର୍ ଦାସ ଆଏଜ୍ ରାଷ୍ଟ୍ରପତି ଭବନ୍‌ଠାନେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଠାନୁ ଇ ସମ୍ମାନ୍ ଜନକ୍ ସୈନ୍ୟବାହିନୀ ପଦକ୍ ଗ୍ରହଣ୍ କରିଥିଲେ । ଇ ଉଲ୍‌ଗୁନେ ଭାରତୀୟ ତଟରକ୍ଷୀ ବାହିନୀ ଆର୍ ସୈନ୍ୟବାହିନୀର୍ ୯୪ ଅଧିକାରୀଙ୍କୁ ସମ୍ମାନ୍ ପ୍ରଦାନ୍ କରାଯାଇଥିଲା । ଡାକ୍ତର୍ ଦାସ ନୟାଗଡ଼୍ ଜିଲ୍ଲାର୍ ରାଜରଣପୁର୍‌ଗଡ଼ର ବାସିନ୍ଦା ଆଉ ସେ କଟକ୍ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ୍ କଲେଜ୍ ଆର୍ ନୂଆଦିଲ୍ଲୀର ଏମ୍ସ ନ ମେଡ଼ିକାଲ୍ ଶିକ୍ଷା ଗ୍ରହଣ୍ କରିଥିଲେ ।

ଇପିଏଫ୍ ରେକର୍ଡ଼ ସଭ୍ୟ ସଂଖ୍ୟା     ପି.ଆଇ.ବି.

କର୍ମଚାରୀ ଭବିଷ୍ୟନିଧି ସଂଗଠନ୍ - ଇପିଏଫ୍‌ଓ- ଗଲା ମେ ମାସେ ସବୁ ମିଶିକରି ୧୯ ଲାଖ୍ ୫୦ ହଜାର୍ ସଭ୍ୟଙ୍କୁ ସାମିଲ୍ କରିଛେ । ୨୦୧୮ ମସିହାଥି ପହେଲା ପେରୋଲ୍ ମଞ୍ଜୁର୍ ହେଲା ଉତ୍‌ରୁ ମାସେଥି ଏତେ ଝନ୍ ଇପିଏଫ୍‌ଓଥି ସାମିଲ୍ ହେବାର୍‌ଟା ରେକର୍ଡ଼ ଆଏ । ବରସ୍‌ଓ୍ୱାରି ସମୀକ୍ଷାଥି ଗଲାବଛ୍‌ରର୍ ମେ ମାସ୍‌ନୁ ଇ ବଛ୍‌ରର୍ ନୂଆଁ ମେମ୍ବର୍ ସାମିଲ୍ କର୍‌ବାର୍‌ଥି ଇପିଏଫ୍‌ଓ ୧୯ ଦଶ୍‌ମିକ୍ ୬୨ ପ୍ରତିଶତ୍ ଅଭିବୃଦ୍ଧି ହାସଲ୍ କରିଛେ । କର୍ମନିଯୁକ୍ତି ସୁଯୋଗ୍ ବଢ଼୍‌ବାର୍, କର୍ମଚାରୀଙ୍କର୍ ଉପକାର୍ ବାବ୍‌ଦେ ଲୁକେ ସଚେତନ୍ ହେବାର୍ ଆଉ ଇପିଏଫ୍‌ଓର ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ଦକ୍ଷତା ନୁ ସଭ୍ୟସଂଖ୍ୟା ବଢ଼ିଥିବାର୍ ଜନାପଡ଼ିଛେ । ଗଲା ମେ ମାସେ ଇପିଏଫ୍‌ଓଥି ପାଖାପାଖି ୯ ଲାଖ୍ ୮୫ ହଜାର୍ ନୂଆଁ ସଭ୍ୟ ତାଲିକାଭୁକ୍ତ ହେଇଛନ୍ । ମେ ମାସେ ୧୮ ନୁ ୨୫ ବରସ୍ ବୟସ ଗ୍ରୁପ୍‌ର ଅଏତ୍‌କା ସଭ୍ୟ ଇପିଏଫ୍‌ଓଥି ସାମିଲ୍ ହେଇଥିବାର୍ ସେମାନ୍‌କର୍ ପହେଲା ପେରୋଲ୍ ଡାଟାନୁ ଜନାପଡ଼ିଛେ ।

ଯୁକ୍ତ ଦୁଇ ମେଧା ତାଲିକା ପ୍ରକାଶ୍     ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ, ସଂସ୍କୃତ ଆଉ ଧନ୍ଦାମୂଳକ୍ ଶିକ୍ଷା ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ପହେଲା ମେଧା ତାଲିକା ଆଉ କଟ୍‌ଅଫ୍ ମାର୍କ ଆଏଜ୍ ବାହାରିଛେ । ବିଜ୍ଞାନ୍ ବିଷେଥି ରେଭେନ୍ସା କଲେଜ୍ ନ ୯୧ ଦଶ୍‌ମିକ୍ ୫ ପ୍ରତିଶତ୍ କଟ୍‌ଅଫ୍ ମାର୍କ ଧାରିଜ୍ ହେଇଛେ । ହେନ୍ତା ବାଣିଜ୍ୟଥି ୭୭ ପ୍ରତିଶତ୍ ଆର୍ କଳାଥି ୭୫ ଦଶ୍‌ମିକ୍ ୧/୭ ପ୍ରତିଶତ୍ କଟ୍‌ଅଫ୍ ମାର୍କ ରହିଛେ ।

ଯୁକ୍ତ ଦୁଇ ପହେଲା ଖେପର୍ ନାଁଲେଖା ଲାଗି ୪ ଲାଖ୍ ୨୬ ହଜାର୍ ୪ ଶହ ୭୨ ଝନ୍ ଯୋଗ୍ୟତା ହାସଲ୍ କରିଛନ୍ । ଇ ଛାତ୍ରଛାତ୍ରୀମାନେ ଇ ମାସର୍ ୨୨ ନୁ ୨୭ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ଆଏବା ମାସର୍ ୫ ତାରିଖେ ଯୁକ୍ତ ଦୁଇ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ୨ ନମ୍ବର୍ ଖେପର୍ ମେଧା ତାଲିକା ବାହାର୍‌ବା ।

ଇ ବଛର୍ ରାଜ୍ୟର ୨ ହଜାର୍ ୩ ଶହ ୪୩ ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ ୫ ଲାଖ୍ ୪୮ ହଜାର୍ ୨ ଶହ ୪୯ ଟା ଆସନ୍ ରହିଥିବାର୍ ବେଲେ ୪ ଲାଖ୍ ୭୧ ହଜାର୍ ୫ ଶହ ୮୭ ଝନ୍ ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ । ସୂଚ୍‌ନା ଅନ୍‌ସାରେ ଆଏବା ମାସର୍ ପହେଲାନୁ ଯୁକ୍ତ ଦୁଇ ପ୍ରଥମ୍ ଶ୍ରେଣୀର୍ ପାଠ୍‌ପଢ଼ା ମୁଲ୍ ହେବା ।

## କ୍ରୀଡ଼ା ପୁରସ୍କାର୍- ନାଁ ବଦ୍‌ଲିଲା

ଆର୍‌ଏନ୍‌ୟୁ/କଟକ୍

କ୍ରୀଡ଼ା କ୍ଷେତ୍ରଥି ନାଁ ଅର୍ଜନ୍ କରୁଥିବା କ୍ରୀଡ଼ାବିତ୍ ମାନ୍‌କୁ ରାଜ୍ୟ ସର୍‌କାର୍ ଦେଉଥିବା ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍‌ର ନାଁ ବଦ୍‌ଲେଇଛନ୍ । ଏତ୍‌କେ ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ୍ ନାଁଥି ଇ ସମ୍ମାନ୍ ଦିଆଯିବା । ଫି' ବଛର୍ ରାଜ୍ୟ କ୍ରୀଡ଼ା ବିଭାଗ୍ ତର୍‌ଫୁ ରାଜ୍ୟ କ୍ରୀଡ଼ା ଦିବସ୍ ଉଲ୍‌ଗୁନେ ଓଡ଼ିଶାର୍ ସଫଲ୍ କ୍ରୀଡ଼ାବିତ୍, କୋଚ୍, କ୍ରୀଡ଼ା ସାମ୍ବାଦିକ୍ ଆର୍ କ୍ରୀଡ଼ା ସଂସ୍ଥାନ୍‌ମାନ୍‌କୁ ଇ ପୁରସ୍କାର୍ ଦିଆଯାଏସି ।

ୱାରେଂଟ୍ ପୁଲିସ୍ ତଦନ୍ତ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ଥାନା ବର୍‌କୋଟ୍ ଗାଁକେ ୪ ଝନ୍ ଅଭିଯୁକ୍ତଙ୍କୁ ଆଇନ୍ ବିହୀନ ପର୍‌ୱାନା ବଲେ ଗିରଫ୍ କର୍‌ବାର୍ ଲାଗି ଯାଇଥିବା ପୁଲିସ୍ ଅଧିକାରୀଙ୍କର୍ ଉପ୍‌ରେ ଆକ୍ରମଣ୍ ଘଟ୍‌ନାର୍ ତଦନ୍ତ୍ ମୁଲ୍ ହେଇଛେ । ଗୁଟେ ପେଟ୍ରୋଲିଂ ଗାଡ଼ିଥି ୮ ଝନ୍ ପୁଲିସ୍ ଅଧିକାରୀ ଆଉ ସୁରକ୍ଷା କର୍ମୀ ସେ ଗାଁକେ ଯାଇଥିଲେ । ଇ ସମିଆଥି ଆକ୍ରମଣ୍ ହେବାର୍‌ନୁ ୬ ଝନ୍ ପୁଲିସ୍ କର୍ମଚାରୀ ଜଖମ୍ ହେଇଛନ୍ । ଇମାନ୍‌କୁ ଡାକ୍ତର୍‌ଖାନାଥି ଭର୍ତି କରାଯାଇଛେ । ନୂଆପଡ଼ା ଏସ୍.ପି. ଜି.ଆର୍. ରାଘବେନ୍ଦ୍ର କୋମ୍‌ନା ପୁଲିସ୍ ଥାନାର୍ ବର୍‌କୋଟ୍ ଗାଁ ନ ପହଁଚିକରି ଥିତିର୍ ଅନୁଧ୍ୟାନ୍ କରିଛନ୍ ।

ଅକ୍ଷମ ସେବା କେନ୍ଦ୍ର - ନୂଆପଡ଼ା          ନୂଆପଡ଼ା ସମ୍ବାଦଦାତା

ଛୁଆ ଆଉ ମା ମାନ୍‌କର୍ ସୁରକ୍ଷା ଲାଗି ନୂଆପଡ଼ା ଜିଲ୍ଲା ନ ନୀତି ଆୟୋଗ୍ ଆର୍ ବଞ୍ଜାରୀ ଅକ୍ଷମ ସେବା କେନ୍ଦ୍ରର୍ ପ୍ରସୂତି ଆଉ ଗର୍ଭବତୀମାନ୍‌କର୍ ଉନ୍ନତ ଚିକିତ୍ସା ଲାଗି ଆମ୍ବୁଲେନ୍ସ ସେବା ମୁଲ୍ ହେଇଛେ । ଜିଲ୍ଲାର୍ ବୋଡ଼େନ୍ ବ୍ଲକ୍‌ର ଭାଇସାଦାନୀ ଉପସ୍ୱାସ୍ଥ୍ୟକେନ୍ଦ୍ର ଠାନେ ଜିଲ୍ଲା ପ୍ରଶାସନ୍ ଆଉ ଅକ୍ଷମ ସେବା କେନ୍ଦ୍ର ଇ ଭ୍ରାମ୍ୟମାଣ ପରୀକ୍ଷା କେନ୍ଦ୍ର ଜରିଏ ମାହାଲିଆ ସ୍ୱାସ୍ଥ୍ୟ ପରୀକ୍ଷା ଆଉ ଉଷୋ ଯୁଗେଇ ଦିଆଯିବା ।

ରାଉର୍‌କେଲା - ସ୍ମାର୍ଟ ସିଟି          ଆର୍‌ଏନ୍‌ୟୁ/

ରାଉର୍‌କେଲା ସ୍ମାର୍ଟ ସିଟି ଲିମିଟେଡ୍ ତର୍‌ଫୁ ତିଆରି ଚାଲିଥିବା ୭୦ ଟା ପ୍ରକଳ୍ପ ଭିତ୍‌ରୁ ଶ'କଡ଼ା ୯୦ କି ୬୫ ଟା ପ୍ରକଳ୍ପ ପୁରା ହେଇଛେ । କେନ୍ଦ୍ର ସର୍‌କାର୍ ୨୦୧୬ ମସିହା ନ ସ୍ମାର୍ଟ ସିଟି ମିଶନ୍‌ର ୩ ନମ୍ବର୍ ତାଲିକାଥି ରାଉର୍‌କେଲାକେ ସାମିଲ୍ କରିଥିଲେ । ଇତାର୍‌ଭିତ୍‌ରେ ବିର୍ସାମୁଣ୍ଡା ଏଥଲେଟିକ୍ ଷ୍ଟାଡ଼ିୟମ୍, ଇନ୍‌ଡୋର୍ ଷ୍ଟାଡ଼ିୟମ୍, ପାର୍କ ମାନ୍‌କର୍ ଆର୍ ପାନ୍‌ପୋସ୍ ବଜାର୍‌ର ଉନ୍ନତିକରଣ୍ ସ୍ମାର୍ଟ ରୋଡ୍ ଫେଜ୍

ୱାନ୍, ଫେଜ୍ ଟୁ, ବସ୍ ରହଣୀ ସ୍ଥଲ୍, ଡିଏଭି ପୁଷ୍କରିଣୀ, ସ୍ମାର୍ଟ ଭେଣ୍ଡିଂ ଜୋନ୍ ତିଆରି କାମ୍ ପୁରା ହେଇଛେ । ହେନ୍ତା ରାଉର୍‌କେଲା ମହାନଗର୍ ନିଗମ୍ ଇଲାକା ନ କେତେଟା ପାର୍କିଂ ଜାଗା, ରାସ୍ତାମାନ୍‌କର୍ ସୌନ୍ଦର୍ଯ୍ୟୀକରଣ୍ କାମ୍ ଭିଲ୍ ପୁରା ହେଇଛେ । ଟ୍ରାଫିକ୍ ବ୍ୟବସ୍ଥାର୍ ଉନ୍ନତିର୍ ଲାଗି କେତେଟା ଜାଗା ନ ସିସିଟିଭି କେମ୍‌ରା ଲଗାଯାଇଛେ । ସମନ୍ୱିତ ଇଲେକ୍ଟ୍ରୋନିକ୍ସ ସର୍ଭିଲେନ୍ସ ସିଷ୍ଟମ୍ ଲାଗି ଭିଲ୍ ବ୍ୟବସ୍ଥା ଚାଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଲଘୁଚାପ୍‌ର ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଦକ୍ଷିଣ ଓଡ଼ିଶା ନ ବର୍ଷାର୍ ପରିମାଣ୍ ଅଏତ୍‌କା ହେଇଛେ । ଆଏବା ୨ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଜାରି ରହେବା ବଲି ଭୁବ୍‌ନେଶ୍ୱର୍‌ର ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଜବର୍ ବର୍ଷାନୁ ମାଲ୍‌କାନ୍‌ଗିରି ଆର୍ କୋରାପୁଟ୍ ଜିଲ୍ଲାର୍ କେତେଟା ଜାଗା ନ ଯାତାୟତ୍ ପ୍ରଭାବିତ୍ ହେଇଛେ । ଥିତି ବାବ୍‌ଦେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ସହେତେ ଆଲୋଚନା କରିଛନ୍ । ବୌଦ୍ଧ, କଲାହାଣ୍ଡି, ବଲାଙ୍ଗିର୍,

ନୂଆପଡ଼ା ଆର୍ କନ୍ଧମାଲ୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ରାଏଜେ ଗଲା ଜୁନ୍ ୧ ତାରିଖ୍‌ନୁ ଇହାଦେତକ୍ ୩ ଶହ ୩୨ ଦଶ୍ମିକ୍ ୯ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ । ଯେନ୍‌ଟାକି ସ୍ୱାଭାବିକ୍‌ନୁ ୨୦ ପ୍ରତିଶତ୍ କମ୍ ଆଏ ।